# Óæ™êœÿ†ÿæ ÓóSæþê - œÿæÀÿÓ É†ÿ¨¨$ê

ଡଃ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ)

ପରାଧୀନ ଭାରତ ମାତାର ଦୁଃଖ ସାରା ଭାରତମାତାର ସମସ୍ତ ସନ୍ତାନମାନଙ୍କୁ ଦୁଃଖିତ କରୁଥିଲା । ମା' ଯେତେବେଳେ ବନ୍ଦିନୀ ତାରି ପିଲାମାନେ କିଭଳି ମୁକ୍ତ ଜୀବନ ବିତାଇବେ ? ସେମାନେ ବି ବିଦେଶୀ ଇଂରେଜ ଜାତିଙ୍କ ଦ୍ୱାରା ବନ୍ଦୀ ଜୀବନ କଟାଉଥିଲେ । ଦେଶରେ ଭାରତୀୟଙ୍କ ପାଇଁ ନ୍ୟାୟ ନ ଥିଲା । ଧର୍ମ ନ ଥିଲା । ଯାହାବି ଥିଲା ସେ ସବୁ ଥିଲା ଇଂରେଜମାନଙ୍କ ସ୍ୱାର୍ଥ ପାଇଁ । ନିଜ ମାଟିରେ ନିଜେ ଭାରତୀୟମାନେ ଗୋରାମାନଙ୍କ ଦ୍ୱାରା ନିଷ୍ପେସିତ ଘୃଣିତ ଜୀବନ କଟାଉଥିଲେ । ଆରମ୍ଭ ହେଲା ଦେଶ ସ୍ୱାଧୀନ ପାଇଁ ଆନ୍ଦୋଳନ । ଏହି ଆନ୍ଦୋଳନର ନେତୃତ୍ୱ ନେଲେ ବହୁ ଦେଶଭକ୍ତ ବୀର ପୁରୁଷମାନେ । ଗାଁ ଗାଁ, ନଗର ନଗର ପ୍ରାନ୍ତରେ ବାଜି ଉଠିଲା ଦୁର୍ବାର ରଣଭେରୀ ସ୍ୱାଧୀନତାର ଦୁଂଦୁଭି । ଅଗଣିତ ଜନତା ଜାତି ଧର୍ମ ବର୍ଣ୍ଣ ଭେଦର ବିଚାର ନ ରଖି ଆପଣାଛାଏଁ ସ୍ୱାଧୀନତା ହାସଲ କରିବା ପାଇଁ ଝାସ ଦେଲେ ଏହି ସ୍ୱାଧୀନତା ଆନ୍ଦୋଳନର ଲେଲିହାନ ଶିଖା ମଧ୍ୟରେ । ନିଜେ ଜଳିଗଲେ ସିନା ସ୍ୱାଧୀନତାର ଦୁର୍ଜୟ ବହ୍ନିକୁ ଜଳାଇ ରଖିଲେ ଅଖଣ୍ଡ ଭାବରେ । ବିରାଟ ବ୍ରିଟିଶ ବାହିନୀ, ଇଂରେଜ ସାହେବମାନଙ୍କ କୂଟ ଚକ୍ରାନ୍ତ ଗୋଳା ଶେଷରେ ପରାସ୍ତ ଗଲା । ଲବଣ ସତ୍ୟାଗ୍ରହ, ଭାରତଛାଡ଼, ବିଦେଶୀ ବର୍ଜନର ଘୋର ଚିତ୍କାର ଇଂରେଜ ଶାସକ ବଣିଜ ଜାତିକୁ ଶେଷରେ ଆମ ଭାରତ ଆମ ମାତୃଭୂମିରୁ ବିତାଡ଼ିତ କଲା । ଭାରତମାତା ସ୍ୱାଧୀନ ହେଲା ସେହି ସଂଗ୍ରାମୀ ବୀର ପୁରୁଷ ଆଉ ରମଣୀମାନଙ୍କ ତ୍ୟାଗ, ନିଷ୍ଠା, ଜୀବନ ସମର୍ପଣରେ । ମୋହନ ଦାସ କରମଚାନ୍ଦ, ଲାଲାଲଜପତ ରାୟ, ବାଲ୍ ଗଙ୍ଗାଧର ତିଲକ, ସୁବାଷ ଚନ୍ଦ୍ର ବୋଷ, ଲାଲ ବାହାଦୁର ଶାସ୍ତ୍ରୀ, ସନ୍ଥ ବିନୋବା ଭାବେ, ଜୟପ୍ରକାଶ ନାରାୟଣଙ୍କ ଭଳି ବହୁ ସ୍ୱାଧୀନତା ସଂଗ୍ରାମୀ ନେତୃବର୍ଗଙ୍କ ମାର୍ଗ ଦର୍ଶନରେ ଏହି ଭାରତ ବିଦେଶୀମାନଙ୍କ କବଳରୁ ମୁକ୍ତି ପାଇଲା । ବିଶ୍ୱ ଚମକି ଗଲା ଅହିଁସା ଆନ୍ଦୋଳନର ଡାକରାରେ ଏହି ବଡ଼, ସମୃଦ୍ଧ ଇଂରେଜ ବଣିକ ଜାତି ପରାଜିତ ହେବାକୁ ବାଧ୍ୟ ହେଲା । ପୁଣି ଭାରତର ସ୍ୱାଧୀନତା ପରେ ଜଣେ ମହାପୁରୁଷ ମହାତ୍ମା ଆଖ୍ୟା ପ୍ରାପ୍ତ ହୋଇଥିଲା । ମହାତ୍ମାଜୀଙ୍କ ଡାକରେ ବିମୋହିତ ହୋଇ ଭାରତର ବହୁ ନାଗରିକ ସ୍ୱାଧୀନତାର ସଂଗ୍ରାମରେ ନିଜ ଜୀବନର ସବୁକିଛିକୁ ଅଜାଡ଼ି ଦେଇଥିଲେ । ସେଭଳି ଜଣେ ମଣିଷ ଥିଲେ, ଦକ୍ଷିଣ ଓଡ଼ିଶା ବ୍ରହ୍ମପୁର ଉପଖଣ୍ଡର ଗୋଳନ୍ଥା ଗ୍ରାମର ଜଣେ ନିର୍ଭୀକ ଦେଶଭକ୍ତ ନାରସୁ ଶତପଥୀ । ନାରସୁଙ୍କର ଜନ୍ମ ହୋଇଥିଲା ୧୯୧୪ ମସିହାରେ, ବ୍ରହ୍ମପୁର-ଆନ୍ଧ୍ର ଆଡ଼କୁ ଯାଇଥିବା ୫ନମ୍ବର ଜାତୀୟ ରାଜପଥରୁ ମାତ୍ର ୧୦ କିଲୋମିଟର ଦୂରସ୍ଥ ଗୋଳନ୍ଥା ଗ୍ରାମର ଏକ ନୈଷ୍ଠିକ ଦାନୈକ ବ୍ରାହ୍ମଣ ଶତପଥୀ ପରିବାରରେ । ନାରସୁଙ୍କପିତାଙ୍କ ନାମ ଥିଲା ଗୋବିନ୍ଦ ଶତପଥୀ ଓ ମାତା ଥିଲେ କେତକୀ । ଗୋବିନ୍ଦବାବୁଙ୍କର ଅନେକ ଦିନ ଧରି କୌଣସି ପୁତ୍ର ସନ୍ତାନ ନ ହେବାରୁ ଦ୍ୱିତୀୟ ସ୍ତ୍ରୀ ଭାବରେ ଚନ୍ଦ୍ରମାଙ୍କୁ ଗ୍ରହଣକରି ଠାକୁରଙ୍କ ପାଖରେ ମନସ୍କାମନା କରି ଇଶାଣେଶ୍ୱରଙ୍କ କୃପାରୁ ପୁତ୍ର ସନ୍ତାନଟିଏ ଜନ୍ମଲାଭ କଲା । ଠାକୁରଙ୍କ ଆଶିଷରୁ ଲାଭ କରିଥିବା ସନ୍ତାନଟିର ନାମ ରଖିଲେ ନାରସୁ । ପରର ସେବାରେ ଉତ୍ସର୍ଗୀକୃତ ପୁତ୍ର ସନ୍ତାନ । ଗାଁ ଚାଟଶାଳୀ ଓ ଉଚ୍ଚବିଦ୍ୟାଳୟରେ ବିଦ୍ୟାଧ୍ୟୟନ ପରେ ନାରସୁ ପରେ ପରେ ଉଚ୍ଚଶିକ୍ଷା ଗ୍ରହଣ କରିବାର ଆଶା ପୋଷଣ କରିଥିଲେ । ବହୁ ଜଜମାନିଙ୍କର କର୍ମକର୍ମାଣୀରେ ବ୍ୟସ୍ତଥିଲେ ସଂସ୍କାର ଓ ସଂସ୍କୃତି ସଂପନ୍ନ ପିତା ଗୋବିନ୍ଦ ଶତପଥୀ । ସସ୍କୃତ, କର୍ମକାଣ୍ଡ, ବେଦଶାସ୍ତ୍ରରେ ଧୁରନ୍ଧର ଜଣେ ପଣ୍ଡିତ ବ୍ରାହ୍ମଣ ସିଏ । କିରସ୍ତାନୀ ଇଂରାଜୀ ଭାଷା ଶିକ୍ଷା ପାଇଁ ଘୃଣାଭାବ । ସେ ଚାହୁଁଥିଲେ ପୁତ୍ର ନାରସୁ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ଜଜମାନି କାମରେ ମନ ଦେଉ । ସେୟା ହିଁ ହେଲା । ଅତୀତରେ ନୌ-ବାଣିଜ୍ୟରେ ସୁସମୃଦ୍ଧି ମନ୍ଦିଡ଼ି ନଗରୀରେ ଗୋବିନ୍ଦ ବାବୁଙ୍କ ନିବାସ ଥିଲା । ବହୁ ଜଜମାନ ଥିଲେ । ପୁରୋହିତ ଭାବେ ଭାରି ସମ୍ମାନ ଓ ଭକ୍ତି ରହିଥିଲା ତାଙ୍କ ପରିବାର ପ୍ରତି । କଳାଜର ଓ ମା'ଭୈରବୀ ଦେବୀଙ୍କର କୋପାନଳରେ ଭସ୍ମୀଭୂତ ମନ୍ଦିଡ଼ିର ସମୃଦ୍ଧି ଓ ଜନସଂଖ୍ୟା, ଆପଣାର ରକ୍ଷା ପାଇଁ ବ୍ରହ୍ମପୁର ଓ ଇଚ୍ଛାପୁରକୁ

ସ୍ଥାନାନ୍ତର ହେଲେ । ସେବେଳରେ ଗୋବିନ୍ଦଙ୍କ ପିତାମହ ମନ୍ତ୍ରିଡ଼ିରୁ ନିଜ ପିଲାଛୁଆଙ୍କୁ ନେଇ ନୂତନ ଭାବେ ଗଢ଼ି ଉଠିଥିବା ମହୁରୀ ଜମିଦାରୀର ପ୍ରାନ୍ତୀୟ ସୀମା ଅଞ୍ଚଳରେ ପ୍ରତିଷ୍ଠିତ ଗ୍ରାମ 'ଗୋଳନ୍ତରା'ରେ ବସତି ସ୍ଥାପନ କଲେ । ଗୋଳନ୍ତରା ଗ୍ରାମର ନାମକରଣ ବିଷୟରେ ଜଣାଯାଏ ଯେ, ମହୁରୀ ଓ ଚିକିଟି ଦୁଇଟି ପାଖାପାଖି ଥିବା ଜମିଦାରୀ । ଉଭୟ ରାଜନବର୍ଗଙ୍କ ମଧ୍ୟରେ ବନ୍ଧୁତା ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦୁଇ ଜମିଦାରୀ ମଧ୍ୟରେ ସୀମା ବିବାଦ ଓ ଶତୃତା ଲାଗିରହିଲା । ସେହି ସୀମା ବିବାଦର ଅବସାନ ପାଇଁ ଏକ ସନ୍ଧିରେ ଉପନୀତ ହୋଇ ଦୁଇ ରାଜନ୍ୟ ପରିବାର ମଧ୍ୟରେ ଗଣ୍ଡଗୋଳର ଅନ୍ତ କରାଯାଇଥିଲା । ତାହାର ସ୍ମାରକୀ ହେଉଛି ଚିକିଟି ରାଜାଙ୍କ ନାମାନୁସାରେ ଗୋବିନ୍ଦ ନଗର ବା ରଜାନୁଆଁଗାଁ ଗ୍ରାମ ପ୍ରତିଷ୍ଠା କରାଯାଇଥିବା ବେଳେ ମହୁରୀ ରାଜାଙ୍କ ଦ୍ୱାରା ଗୋଳନ୍ତରା ଗ୍ରାମ ପ୍ରତିଷ୍ଠା କରାଗଲା । ବର୍ତ୍ତମାନକୁ ରହିଥିବା ଭୈରବୀରୋଡ଼ ଛକକୁ ଗୋଳନ୍ତରା ଚଟି ଭାବରେ ଚିହ୍ନିତ କରାଯାଇଥିଲା । 'ଚଟି'ର ଅର୍ଥ ଜମିଦାରୀର ଶେଷ ରାଜଶାସନ ସମୟରେ ସେମାନଙ୍କ ପରିସୀମା ଅଞ୍ଚଳରେ ସୁରକ୍ଷା ପାଇଁ ଚଟଘର ରହୁଥିଲା ଓ ସେଠାରେ ନିଜ ପାଇକମାନଙ୍କ ଦ୍ୱାରା ଦ୍ୱାର ରକ୍ଷା ପାଇଁ ପ୍ରହରା ବ୍ୟବସ୍ଥା କଡ଼ାକଡ଼ି ଭାବେ କରାଯାଉଥିଲା । ଏଭଳି ଏକ ପରିବେଶରେ ପଣ୍ଡିତ ଗୋବିନ୍ଦ ଶତପଥୀଙ୍କ ପିତୃପିତାମହ ମହୁରୀ ରାଜାଙ୍କ ଦ୍ୱାରା ନିମନ୍ତ୍ରିତ ଓ ବିନା ଦେୟରେ ପୁରହିତଙ୍କ ରହଣୀ ପାଇଁ ଦିଆଯାଇଥିବା ଭୂ-ସଂପତ୍ତିରେ ନିଜଗୃହ ନିର୍ମାଣ କରି ରହି ଆସିଥିଲେ । ଏସବୁର ସତ୍ୟତା ପାଇଁ ଐତିହାସିକ ଦଲିଲ, ବିବରଣୀ ଓ ମନ୍ତ୍ରୀଡ଼ିରେ ଏଯାବତ୍ ରହିଆସିଥିବା ପୁରୋହିତ ଅନ୍ୟ ଶତପଥୀ ପରିବାରଙ୍କ ବଂଶ ସମ୍ପର୍କ ଗ୍ରହଣ କରାଯାଇପାରେ ।

ପିଲାଟିବେଳୁ ନାରସୁ ଶତପଥୀ ଘିଅସରରେ ବଢ଼ିଥିଲେ । ପୁରୋହିତ କର୍ମକର୍ମାଣୀରେ ଘିଅ ଖିରସରରେ ଅଭାବ ନ ଥାଏ । ଗୋଟିଏ ବୋଲି ପୁଅ । ତାଙ୍କରି ଉପରେ ଦୁଇ ଭଉଣୀ । ସମସ୍ତଙ୍କ ଗେହ୍ଲା ଓ ଆଦରରେ ନାର୍‌ସୁଙ୍କ ବାଲ୍ୟକାଳ କଟିବାକୁ ଲାଗିଲା । ଭରି ହୃଷ୍ଟପୃଷ୍ଟ ଚେହେରା, ଖୁନ୍ଦିଲା ପରି ଦିହ । ଦିନକୁ ଦିନ ଦେହରେ ଅସୁମାରୀ ବଳ । ଗାଁ ଦାଣ୍ଡରେ ଅନ୍ୟ ସାଙ୍ଗସାଥିଙ୍କୁ ଡୁଡୁ, କବାଡ଼ି, ଦଉଡ଼ା ଦଉଡ଼ି, ପଥରଟେକା, କୁସ୍ତି, କସରତରେ ନାର୍‌ସୁଙ୍କୁ ସାମନା କରିବାକୁ ପଛାଇ ଯାଆନ୍ତି । ନାର୍‌ସୁଙ୍କ ଚେହେରା ଯେମିତି ବଳକି ସେମିତି ଆଉ ଖାଇବା ବି ସେମିତି । ସେ ଭାରି ସ୍ୱାଧୀନ ଚେତା । କାହାରି ଆଗରେ ମୁଣ୍ଡ ନୁଆଁଇ ଚଳିବା ତାଙ୍କରି ବ୍ୟବହାରରେ ନ ଥାଏ । ଗାଁ ପାଖରେ ସୋରଳା ସୁମାଣ୍ଡିର ଲୁଣ ଗୋଦାମ୍ । ବ୍ରିଟିଶ ଫଉଜ ଓ ସାହେବମାନଙ୍କ ଶାସନ । ଲୋକେ ଗୋଳନ୍ତରାରୁ ଡେଇଁ ଆନ୍ଧ୍ରର ନିକଟ ସହର ଇଛାପୁର ଅଞ୍ଚଳକୁ ଗଲାବେଳେ ସାଲଟ ଚେକ୍‌ଗେଟଣ ଅଫିସରମାନଙ୍କ ଦ୍ୱାରା ନୀତି ନିର୍ଯ୍ୟାତିତ ହେଉଥାଆନ୍ତି । କଥା କହିଲେ ଗୋରା ଫଉଜଙ୍କ ଦଣ୍ଡ, ଜୋରିମାନା, ଚାବୁକମାଡ଼, ଗାଁ ଲୋକମାନଙ୍କୁ ପୋକ ମାଛି ଭଳିଆ ବ୍ୟବହାର । ସେତେବେଳେ ସେତେଟା ରାସ୍ତାଘାଟର ଉନ୍ନତି ହୋଇ ନ ଥିଲା । ଇଂରେଜମାନେ ଅନେକ ସମୟରେ ଘୋଡ଼ା ଝପଟେଇ ଆସୁଥିଲେ ଓ କଥା ମାତ୍ରକେ ନିଜ ସ୍ୱାର୍ଥ ଉପରେ ଆଞ୍ଚ ଆସିଲେ ଦଣ୍ଡ, ଜୋରିମାନା, କୋର୍ଟ, କଚେରୀରେ ପରାଧୀନ ଭାରତୀୟ ଜନତା ତଥା ଏ ଅଞ୍ଚଳର ନିରୀହ ଗ୍ରାମବାସୀମାନଙ୍କୁ ହଇରାଣ ହରକତ କରି ଶୋଷଣ କରୁଥିଲେ । ଏହି ପ୍ରକାର ନୀତିହୀନ ଇଂରେଜ ପ୍ରଶାସକମାନଙ୍କ ମନମୁଖୀ କାରବାରକୁ ଗୋଳନ୍ତା ଅଞ୍ଚଳର ଲୋକେ ଡରରେ ସେମିତି ମୁଣ୍ଡପାତି ସହିଯାଉଥିଲେ । ବ୍ରିଟିଶ ପ୍ରଶାସନ କାଳରେ ଗୋଟିଏ ପୋଲିସ କନେଷ୍ଟବଲ୍‌ର ପତିଆରା ବହୁତ ଥିଲା । ଗାଁମାନଙ୍କରେ ଯଦି କୌଣସି ବେଳେ ଗୋଟିଏ ପୋଲିସ୍ ପ୍ରବେଶ କରୁଥିଲା ସେତେବେଳେ ଗାଁର ଲୋକମାନେ ଘରର କବାଟ କିଳି ବାରି, ବଣ, ଜଙ୍ଗଲରେ ଯାଇ ଲୁଚି ରହୁଥିଲେ । ପୋଲିସକୁ ସାମନା କରି କିଛି କହିବା ପାଇଁ କାହାର ଶକ୍ତି ନ ଥିଲା ଓ ବ୍ରିଟିଶ ପୋଲିସ୍ ଯାହା ଚାହୁଁଥିଲେ ତା' କରୁଥିଲା । ଯୁବକ ନାରସୁ ମଧ୍ୟ ଏସବୁ ଦେଖୁଥିଲେ । କିନ୍ତୁ ଇଂରେଜମାନଙ୍କ ଅନ୍ୟାୟ ଅତ୍ୟାଚାରକୁ ସହିପାରୁ ନ ଥିଲେ । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗାନ୍ଧୀଜୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ସାରା ଭାରତରେ ଶୁଷ୍କ ତରୁତୃଣରେ ଅଗ୍ନି ସଂଯୋଗ ଭଳି ଦ୍ରୁତଗତିରେ ସମସ୍ତ ଭାରତୀୟଙ୍କ ମନରେ ଜାଗି ଉଠିବାରେ ଲାଗିଲା । ଯୁବସୁଲଭ ନାର୍‌ସୁ ମହାତ୍ମାଗାନ୍ଧୀଙ୍କ ଜାତୀୟତାବାଦ, ସ୍ୱାଧୀନତା ଆନ୍ଦୋଳନ ଓ ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ଇଂରେଜମାନଙ୍କୁ ଦେଶରୁ ତଡ଼ିବା ପାଇଁ ମନେମନେ ସଂକଳ୍ପ ନେଇଥିଲେ । ଏକଲବ୍ୟର ଶାସ୍ତ୍ର ଶିକ୍ଷାଭଳି ନାର୍‌ସୁ ଜାତୀର ପିତା ମହାତ୍ମାଙ୍କ ସଂସ୍ପର୍ଶରେ ନ ଆସି ମଧ୍ୟ ମହାତ୍ମାଗାନ୍ଧୀଙ୍କ ଆହ୍ୱାନକୁ ଗୁରୁତ୍ୱ ଦେଇ ଜାତୀୟତାବୋଧ ସ୍ୱାଧୀନତା ଆନ୍ଦୋଳନକୁ ନିରୀକ୍ଷଣ କରିବାରେ ଲାଗିଲେ ଓ ଅତି କମ୍ ବୟସରୁ ମଧ୍ୟ ବ୍ରହ୍ମପୁରଠାରେ ହେଉଥିବା ବେଦେଶୀ ଦ୍ରବ୍ୟ ବର୍ଜନ, ବିଦେଶୀ ଲୁଗା ପୋଡ଼ିବା, ଖଜୁରୀ ଗଛ କାଟିବା, ଅଫିମ ଓ ମଦ ଦୋକାନ ସାମନାରେ ପିକେଟିଂ କରିବାରେ ଲାଗି ପଡ଼ିଥିଲେ । ୧୯୨୧ ମସିହା ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧୀ ବ୍ରହ୍ମପୁର ଆସି ବାରାକ୍‌ସଠାରେ ଏକ ବିରାଟ

ଜନସମାବେଶରେ ଭାଷଣ ଦେଇ ଗଞ୍ଜାମର ବିଭିନ୍ନ ଅଂଚଳର ଏକାଠି ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ତରୁଣ ତରୁଣୀଙ୍କ ମନରେ ଆନ୍ଦୋଳନର ବୀଜ ବିକ୍ଷେପ କରିଦେଇଥିଲେ । ସେତେବେଳେ ନାରସୁଙ୍କ ବୟସ ମୋଟେ ସାତବର୍ଷ । ସେବା କରିବେ କ'ଣ ? ସତ୍ୟାଗ୍ରହୀମାନଙ୍କର ଖାଇବା ରହିବା ପାଇଁ ଗାଁ ଗହଳିରୁ ଚାଉଳ ମାଗି ଅନ୍ଧାର ରାତିରେ ପୋଲିସର ଅଜାଣତରେ ଚାଲିଚାଲି ସତ୍ୟାଗ୍ରହ ଆଶ୍ରମମାନଙ୍କରେ ନେଇ ଯୋଗାଇ ଦେଉଥିଲେ । ଏଭଳି ଯେଉଁ ପିଲାମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କରୁଥିଲେ ସେମାନଙ୍କୁ କୁହାଯାଉଥିଲା 'ବାନରସେନା' । ଯଦି ପୋଲିସ୍ ଏମାନଙ୍କୁ ଦେଖି ଦେଉଥିଲା, ତେନ୍ତୁଳି ଛାଟରେ ମାଡ଼ ଖାଇବାକୁ ପଡୁଥିଲା । ଗାଁ ଲୋକେ ପୋଲିସର ଏହି ବର୍ବରତାକୁ ସହିପାରୁ ନ ଥିଲେ ମଧ୍ୟ ପୋଲିସକୁ ଡରିମରି ଚୁପ ରହୁଥିଲେ । ପରେ କିନ୍ତୁ ସେହି ବାନରସେନାଙ୍କୁ ଖାଇବା ପିଇବାକୁ ଦେଇ ଉତ୍ସାହିତ କରୁଥିଲେ । ୧୯୨୨ରେ ଇଂରେଜ ସରକାରଙ୍କଦ୍ୱାରା ଅବକାରୀ ନିଲାମ ପାଇଁ ଇଚ୍ଛାପୁର, ବ୍ରହ୍ମପୁର, ଆଦି ସ୍ଥାନ ନିରୁପଣ କରାଗଲା । ଏହାର ଖବର ପାଇଁ ଗଞ୍ଜାମର ପୁରୁଖା କଂଗ୍ରେସ କର୍ମୀ ଭି.ଭି.ଗିରି, ଦିବାକର ପଟ୍ଟନାୟକ, ମାଷ୍ଟର ରାମଲିଂଗମ, ସୋମେୟା, କେ.ବିରୁରାଜୁ, ଦୀନବନ୍ଧୁ ବେହେରା, ବାଞ୍ଛାନିଧି ପଟ୍ଟନାୟକ, ଲକ୍ଷ୍ମୀବାଇ, ରାଧାକାନ୍ତ ପାଢ଼ୀ, ବୃନ୍ଦାବନ ପଣ୍ଡା, ଭରତ ବେହେରା, ଅର୍ଜୁନ ଦାଶ, ପି. ଶାମସୁନ୍ଦରଙ୍କ ସମେତ ଆହୁରି ଅନେକ ସଂଗ୍ରାମୀ ପିକେଟିଂର ଗିରଫ ହେଲେ । ଏହି ଘଟଣା ନାରସୁଙ୍କୁ ଅସ୍ଥିର କରିଦେଇ ପ୍ରତ୍ୟକ୍ଷ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ଦେବା ପାଇଁ ପ୍ରେରଣା ଯୋଗଇଥିଲା । ଏହି ବେଳର ମଦ ଦୋକାନ ଆଗରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନିଲାମକୁ ବିରୋଧ କରି ଇଂରେଜ ପ୍ରଶାସନକୁ ଦେଶରୁ ହଟାଇବାର ଘଟଣା କେବଳ ନାର୍‌ସୁ କାହିଁକି ଆଖପାଖର ଗ୍ରାମବାସୀମାନଙ୍କ ମନରେ ହଇଚଇ ସୃଷ୍ଟି କରି ଦେଇଥିଲା । ୧୯୨୭ରେ ମହାତ୍ମା ଗାନ୍ଧୀ ଦ୍ୱିତୀଥର ପାଇଁ ଓଡ଼ିଶା ଓ ଆମ ଗଂଜାମ ଜିଲ୍ଲାକୁ ଗସ୍ତରେ ଆସିଥିଲେ । ଏବେଳରେ ବ୍ରହ୍ମପୁର, ଆସିକା, ଗୋବରା, ଭଂଜନଗର, କୋଦଳା, ବୋଇରାଣୀ, ଖଲିକୋଟ ଓ ରମ୍ଭା ଆଦି ସ୍ଥାନକୁ ଭ୍ରମଣ କରି ସ୍ୱାଧୀନତାର ବାର୍ତ୍ତା ପ୍ରେରଣ କରିଥିଲେ । ଏହି ସମୟରେ ନାରସୁ ବାବୁ ବ୍ରହ୍ମପୁର ଓ ଓଡ଼ିଶାର କେତେକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇ ଦେଶ ସ୍ୱାଧୀନ ଆଡକୁ ଅଧିକା ଆକର୍ଷିତ ହୋଇଥିଲେ ।

୧୯୩୦ରେ ଆରମ୍ଭ ହେଲା ଇଂରେଜମାନଙ୍କ ଆଇନ୍ ଅମାନ୍ୟର ଏକ ନୂତନ ସ୍ୱରୂପ, ଲବଣ ସତ୍ୟାଗ୍ରହ, ଭାରତର ସମୁଦ୍ର ଉପକୂଳ, ସମୁଦ୍ର ପାଣିରୁ ଆଗରୁ ଲୁଣ ମାରିବାରେ କୌଣସି କଟକଣା ନ ଥିଲା । ବ୍ରିଟିଶ୍ ସରକାର ବ୍ରିଟିଶ ତିଆରି ଲୁଣର ବିକ୍ରୀ ପାଇଁ ଭାରତବାସୀଙ୍କୁ ଲୁଣ ମାରି ପାରିବେ ନାହିଁ ବୋଲି ଆଇନ୍ କଲେ । ଏହାକୁ ଭାରତସାରା ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ ବିରୋଧ କରାଗଲା ଓ ସ୍ୱାଧୀନତା ସଂଗ୍ରାମୀମାନେ ଆଇନ ଅମାନ୍ୟ ପୂର୍ବକ ଲୁଣ ମାରିବା ପାଇଁ ସୋରଲା, ସୋନପୁର, ଗଂଜା, ହୁମା, ରମ୍ଭା ଆଦି ସମୁଦ୍ର ଉପକୂଳକୁ ଯାତ୍ରା କଲେ । ୧୯୩୧ର କଥା । ଲୁଣ ମାରିବା ପାଇଁ ବ୍ରହ୍ମପୁରର ସତ୍ୟାଗ୍ରହ ଆଶ୍ରମଠାରେ ଆଖ ପାଖର ସ୍ୱାଧୀନତା ସଂଗ୍ରାମୀମାନେ ଏକଜୁଟ ହୋଇଥାଆନ୍ତି । ଗଂଜା ଓ ହୁମାର ଉପକୂଳରେ ଲୁଣ ମରାଯିବ । ଲବଣ ସତ୍ୟାଗ୍ରହ ପାଇଁ ବ୍ରହ୍ମପୁରଠାରେ 'ଉଦ୍ୟୋଗ' ମନ୍ଦିର ଖୋଲାଗଲା । ଶ୍ରୀ ବାଞ୍ଛାନିଧି ପଟ୍ଟନାକ ଥିଲେ ପରିଚାଳକ । ସେଠାରୁ ଚାଉଳ ପରିବା ସଂଗ୍ରହ କରି ହୁମା ସତ୍ୟାଗ୍ରହୀଙ୍କ ଶିବିରକୁ ପଠାଯାଉଥାଏ । ଶିବିରମାନଙ୍କରେ ସତ୍ୟାଗ୍ରହୀଙ୍କୁ ଉଦ୍‌ବୋଧନ ଦେଉଥାଆନ୍ତି ବିଶ୍ୱନାଥ ଦାସ, ହରିହର ପଟ୍ଟନାୟକ, ବାଞ୍ଛାନିଧିବାବୁ, ଈଶ୍ୱର ସାହୁ, ଶ୍ରୀମତୀ କୁନ୍ଦଲତା ଦେବୀ, କିଶୋରମଣୀ, ଘନଶ୍ୟାମ ପଟ୍ଟନାୟକ, ଜଗନ୍ନାଥ ମିଶ୍ର ଆଦି ଗଂଜାମର ନଉପଡ଼ା, ବାରୁବା ଆଦିଠାରେ ମଧ୍ୟ ଲୁଣମରା ଅଭିଯାନ ଆରମ୍ଭ କରାଯାଇଥିଲା । ସମଗ୍ର ଗଂଜାମ ଜିଲ୍ଲାର ଏହି ଲୁଣମରା ତଥା ଲବଣ ସତ୍ୟାଗ୍ରହର ସୁପରିଚାଳନା ପାଇଁ ନିରଂଜନ ପଟ୍ଟନାୟକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ଥିଲା । ଏହି ଅଭିଯାନରେ କୋରାପୁଟରୁ ରାଧାକୃଷ୍ଣ ବିଶ୍ୱାସରାୟ, ସରଳା ଦେବୀ, ଦିବାକର ପଟ୍ଟନାୟକ ମଧ୍ୟ ଆସି ସାମିଲ ହୋଇଥିଲେ । ଲୁଣମରାକୁ ଭଣ୍ଡୁର କରିବା ପାଇଁ ପୋଲିସ ମଧ୍ୟ ଠୁଳ ହୋଇଥିଲେ ଗଂଜା ଆଉ ହୁମା ସମୁଦ୍ର କୂଳରେ । ସ୍ୱାଧୀନତା ସଂଗ୍ରାମୀମାନେ 'ଜୟ ଭାରତମାତା କି ଜୟ'ର ସ୍ଲୋଗାନ୍ ଦେଇ ଦେଇ ଗଂଜା – ହୁମା ସମୁଦ୍ରକୂଳରେ ଲୁଣ ମାରିବା ଆରମ୍ଭ କରିବାକୁ ଲାଗିଲେ । ସମୁଦ୍ରଠାରୁ ମାଇଲ ମାଇଲ ଦୁରକୁ ମାଠିଆରେ ପାଣି ବୋହିଆଣି ଚୁଲିଜାଳି ଲୁଣ ତିଆରି କରିବାରେ ଲାଗିଲେ । ପୋଲିସ୍ ସେମାନଙ୍କୁ ବାଧା ଦେଉଥାଏ । ହାଣ୍ଡି ଭାଙ୍ଗି ଦେଉଥାଏ କିନ୍ତୁ କର୍ମୀମାନେ ଅହିଂସା ଭାବରେ ଲୁଣମରା କାର୍ଯ୍ୟ ଚାଲୁ ରଖିଥାଆନ୍ତି । ଗଂଜାମରେ ସେତେବେଳେ କଲେକ୍ଟର ଥାଆନ୍ତି ଅଷ୍ଟିଲ ସାହେବ । ନିଜେ ତଦାରଖ କରୁଥାଆନ୍ତି ଲୁଣମରାକୁ ପୋଲିସ୍ ଫୌଜକୁ ଧରି । ନାରସୁ ବାବୁ ମଧ୍ୟ ଅନ୍ୟ ବୟୋଜ୍ୟେଷ୍ଠ କର୍ମୀମାନଙ୍କ ସହ ପାଦ ମିଳାଇ ଚାଲିଥାଆନ୍ତି । ମୁଣ୍ଡରେ ସମୁଦ୍ରରୁ ଆଣିଥିବା ଲୁଣପାଣିର ମାଠିଆ ବଢ଼ାଉଥାନ୍ତି । ପଛରେ ସଶସ୍ତ୍ର ପୋଲିସ୍ ବାରଣ କରୁଥାଏ ଲୁଣ ମାରିବାକୁ ।

ନାର୍‌ସୁ ଶତପଥୀଙ୍କ ଯୁବକ ସମୟ । ଦେଶ ମାତୃକାର ଭକ୍ତିମନ୍ତ୍ରରେ ଦୀକ୍ଷିତ ସିଏ । ସେ କାହିଁକି ମାନି ଥାଆନ୍ତେ ଇଂରେଜ ପୋଲିସ୍‌ର ବିରୋଧକୁ ? ପିଛା କରୁଥିବା ପୋଲିସ୍ କିନ୍ତୁ ଗୋଡ଼ାଇ ଥାଏ ପଛରେ । ହାତରେ ତା'ର ପିତଳ ମୁଦିଆ ବସା ତିନିହାତ ଉଚ୍ଚର ଠେଙ୍ଗା । ପୋଲିସ ନାରସୁବାବୁଙ୍କ ଉପରକୁ ଲାଠି ପ୍ରହାର କଲା । ପୋଲିସ୍‌ର ଉଦ୍ଦେଶ୍ୟ ଥିଲା ଟୋପାଏ ବି ପାଣି ଛାଡ଼ି ଦେବେନି କର୍ମମାନଙ୍କୁ । ଠେଙ୍ଗା ପ୍ରହାରରେ ନାରସୁ ବାବୁଙ୍କ ମାଠିଆଟି ଭାଙ୍ଗି ଆଣିଥିବା ଲୁଣ ପାଣିତକ ସମୁଦ୍ର ବାଲିରେ ବିଛୁରି ହୋଇ ପଡ଼ିଗଲା । ନାରସୁବାବୁଙ୍କ ଶୀରକୁ ରାଗ ଚଢ଼ିଗଲା । ଇଂରେଜଙ୍କ ବର୍ବର ଶାସନରେ ସେ ଅନେକ ଦିନରୁ ମର୍ମାହତ । ଜାଲିଆନାବାଗ ହତ୍ୟାକାଣ୍ଡ, ଇଞ୍ଚୁଡ଼ିରେ ହତ୍ୟା ଆଦିକୁ କେମିତି ସହନ୍ତେ ? ସହଜେତ ସେ ଖୁବ୍ ବଳଶାଳୀ, ଯୋଗ, କୁସ୍ତି କସରତରେ ଭାରି ମଜଭୁତ ତାଙ୍କର ମାଂସପେଶୀ, ଶକ୍ତ ବାହୁ, ବିପୁଳ ବକ୍ଷ, ପଛକୁ ବୁଲି ପଡ଼ିଲେ ନାରସୁବାବୁ । ଇଂରେଜ ହାତରୁ ସାମାନ୍ୟ ଚେଷ୍ଟାରେ ଲାଠିଟିକୁ ଛଡାଇ ଆଣି ସେଇ ସମୁଦ୍ରର ବାଲିକୁଦ ଉପରେ ପ୍ରହାର କଲେ ଇଂରେଜ ପୋଲିସ ଉପରେ । ପୋଲିସ୍ ବିଚରା ତ୍ରାହି ତ୍ରାହି ଡାକିବା ବେଳକୁ ସାଙ୍ଗରେ ଥିବା ଅନ୍ୟ କର୍ମୀ ଦିବାକର ପଟ୍ଟନାୟକ ଓ ବିଶ୍ୱନାଥ ଦାସ ବୁଲି ଦେଖିଲା ବେଳକୁ ନାରସୁବାବୁ କନେଷ୍ଟବଲ ଉପରକୁ ପ୍ରହାର କରିବାରେ ଉଦ୍ୟତ ହଠାତ୍ ଦିବାକର ବାବୁ ଏ ଦୃଶ୍ୟ ଦେଖି ପାଟି କରି ଉଠିଲେ । ଅହିଂସା .... ଆହିଂସା ! ସାରସୁ ଶତପଥୀ ସଚେତନ ହୋଇପଡ଼ିଲେ । ଅହିଂସା ବ୍ରତର ଅନୁସରଣ କରି ପୋଲସକୁ ଛାଡ଼ିଦେଲେ । ଲାଠି ପ୍ରହାର ଖାଇଲେ ସିନା ଆଉ ଦ୍ୱିତୀୟ ଥର ପାଇଁ ପୋଲିସ୍ ଉପରକୁ ଆଉ ଉହୁଁକି ଗଲେ ନାହିଁ । ସେହିପରି ଗାନ୍ଧିଜୀଙ୍କ ଅହିଂସା କର୍ମୀ ଯେତେଯାହା ହେଲେ ବି ସେମାନେ ସିନା ହିଂସାର ଶିକାର ହେବେ କିନ୍ତୁ ସ୍ୱାଧୀନତା ସଂଗ୍ରାମରେ ଅସ୍ତ୍ର ଧରିବେ ନାହିଁ । ପୋଲିସ୍ ଦ୍ୱାରା ଗିରଫ ହେଲେ । ଗଂଜାମ ଜେଲରେ ରହିଲେ । ସେତେବେଳକୁ ଅନ୍ୟ କର୍ମୀମାନଙ୍କୁ ମଧ୍ୟ ଗିରଫ କରାସରିଥାଏ । ଗଂଜାମ ଜେଲରେ ନାରସୁ ବାବୁଙ୍କୁ ରଖାଯାଇଥାଏ । ଦିନେ ରାତିରେ ସାରସୁ ବାବୁଙ୍କୁ ଶୋଇଥିବା ବେଳେ ବିଛାଟିଏ ଦଂଶନ କଲା । ବିଛାଙ୍କ କଡା ବିଷ ଜ୍ୱାଳାରେ ସେ ଜେଲ୍‌ରେ ଥିବା ଜଗୁଆଳୀମାନଙ୍କୁ ଡାକ ଛାଡ଼ିଲେ । କିନ୍ତୁ କେହି ଶୁଣିଲେ ନାହିଁ । ଶେଷରେ, କୁସ୍ତି କସରତରେ ବଳଶାଳୀ ନାରସୁବାବୁ ଜେଲର ଅନ୍ଧାରୀ କୋଠରୀରୁ ବାହାରିବା ପାଇଁ ପ୍ରୟାସ କରି ଦୁଇ ହାତରେ ଝରକା ରେଲିଂକୁ ଭିଡ଼ି ବଙ୍କା କରିଦେଲେ ଓ ଜେଲ୍ କୋଠରୀ ମଧ୍ୟରୁ ବାହାରି ଆସିଲେ । ସକାଳେ ଜେଲର ସାହେବ ନାରସୁ ବାବୁଙ୍କ ଏଭଳି ଅବସ୍ଥା ଦେଖି ତାଜୁବ୍ । ସଙ୍ଗେ ସଙ୍ଗେ ଏଭଳି ବନ୍ଦୀକରି ଗଂଜାମର ଜେଲରେ ରଖିବା ବିପଦଜନକ ବୋଲି ଉପର ଅଫିସରଙ୍କୁ ଲେଖି ନାରସୁ ଶତପଥୀଙ୍କୁ ଆନ୍ଧ୍ରପ୍ରଦେଶର ତିରୁଚିନା ପଲ୍ଲୀକୁ ସ୍ଥାନାନ୍ତର କରିଦେଲେ ।

ମାଡ୍ରାସର ତିରୁଚିନାପଲ୍ଲୀ ଜେଲରେ ନାରସୁ ବାବୁଙ୍କୁ ରଖାଗଲା । ସଂଗ୍ରାମୀ ନାରସୁଙ୍କର ସିଗାରେଟ୍ ପିଇବା ଅଭ୍ୟାସ ଥିଲା । ସିଗାରେଟ୍ ପିଇବା ପାଇଁ କିଛି ପଇସାର ଦରକାର । କିଭଳି ପାଇବେ ? ଶେଷରେ ତାଙ୍କରି ପରାମର୍ଶରେ ଘିଅ ପାତ୍ରର ତଳରେ କିଛି ଟଙ୍କା ରଖି ଉପରେ ଘିଅ ଭରି ଜେଲକୁ ପଇସା ପଠାଇ ଦିଆଯାଉଥିଲା ଓ ତିରୁଚିନାପଲ୍ଲୀ ପୋଲିସ ତାର ଥଳକୂଳ ପାଇ ପାରୁ ନ ଥିଲେ । ଏହି ଜେଲରେ ଆଗରୁ ବିଶ୍ୱନାଥ ଦାସ, ହରେକୃଷ୍ଣ ମହତାବ ଓ ଦିବାକର ପଟ୍ଟନାୟକ ଆଦି ସ୍ୱାଧୀନତା କର୍ମୀମାନେ ରହୁଥଲେ । ନାରସୁ ଶତପଥୀ ସେଠାରେ ରହି ଭବିଷ୍ୟତରେ ସଂଗ୍ରାମର ନୂତନ ଚିଠାମାନ ପ୍ରସ୍ତୁତ କରିଥିଲେ । ନାରସୁ ବାବୁ ବଡ଼ ଟାଣୁଆ ଲୋକ । ଖାଇବା ପିଇବାରେ କମ୍ ହେଲେ ତାଙ୍କର ଭାରି ଅସୁବିଧା । ଜେଲରେ କଏଦୀମାନଙ୍କୁ ବଗଡ଼ା ଚାଉଳର ଶହେଗ୍ରାମ ଭାତ ସାଙ୍ଗକୁ ନିକୃଷ୍ଟ ଧରଣର ଡାଲିରୁ ପାଣି ମୁନ୍ଦିଏ । ରାତିରେ ଚାରିପଟ ରୋଟି ଓ ସନ୍ତୁଳା । କଏଦୀମାନଙ୍କ ବଳ ଭାଙ୍ଗିଦିଏ । ନାରସୁବାବୁ ତ୍ରିଚିନାପଲ୍ଲୀ ଜେଲରେ କଏଦୀ ଜୀବନ କଟାଇଲାବେଳେ ସେ କୌଣସିମତେ ଚୁପ୍ ହୋଇ ବସି ନ ଥିଲେ । ସଂଗ୍ରାମୀ କଏଦୀମାନଙ୍କୁ ଖାଦ୍ୟ ଓ ଚିକିତ୍ସାର ସୁବିଧା କରିବା ପାଇଁ ଭୁକ୍ ହରତାଳ ସହ ଆନ୍ଦୋଳନ ଜାରି ରଖିଥିଲେ । ବେଳେବେଳେ ବିଶ୍ୱନାଥ ଦାସ ତାଙ୍କୁ ମିଳୁଥିବା ରୋଟିରୁ କେଇପଟ ଦେଇ ନାରସୁ ବାବୁଙ୍କୁ ଦେଇ ଖାଇବାକୁ କହୁଥିଲେ । ସେହି ଜେଲରେ ହରେକୃଷ୍ଣ ମହତାବଙ୍କ ସହ ଗଂଜାମର ଗୋଳନ୍ଥ ମାଟିର ଏକମାତ୍ର ବୀର ନାରସୁ ବାବୁଙ୍କର ସଂପର୍କ ବଢ଼ିଥିଲା । ନାରସୁ ବାବୁ ତାଙ୍କ ସ୍ୱାଧୀନତା ସଂଗ୍ରାମ ବିଷୟରେ ଗ୍ରାମର ଅନ୍ୟ ସହକର୍ମୀମାନଙ୍କୁ ତାଙ୍କ ଅନୁଭୂତି ସଂପର୍କରେ ବେଳେବେଳେ କହି ବସନ୍ତି ଯେ ସେମାନେ କେମିତି ସମୁଦ୍ରରୁ ପାଣି ଆଣି ଚୁଲି ଜଳାଇ ଲୁଣ ମାରୁଥିଲେ ଓ ସେହି ଲୁଣକୁ ପୁଡାକରି ରେଳଷ୍ଟେସନ୍‌ମାନଙ୍କରେ ଯାତ୍ରୀମାନଙ୍କୁ ସ୍ୱାଧୀନତାର ବାର୍ତ୍ତା ଦେବାସହ 'ବେଆଇନ୍ ଲୁଣ' ନ ନିଅନ୍ତୁ ବୋଲି ଡାକି ଡାକି ବିକ୍ରି କରୁଥିଲେ । ବ୍ରହ୍ମପୁର ସହରର ଛକ, ବାରାକସ୍ ମଇଦାନ ଉପରେ ସଭାସମିତି କରି ଶେଷରେ ଏହି ବେଆଇନ୍ ଲୁଣ ପୁଡ଼ିଆମାନଙ୍କୁ ଏକଟଙ୍କାରୁ ଦଶଟଙ୍କାଯାଏ ନିଲାମ କରାଯାଉଥିଲା ଓ ଏହି ସଂଗୃହିତ ଅର୍ଥ ସଂଗ୍ରାମୀ ପାଣ୍ଠିରେ ରଖା ଯାଉଥିଲା ।

ଥରେ କୁଆଡ଼େ ଗଂଜାମର ତତ୍‌କାଳୀନ କଲେକ୍ଟର ଲୁଣ ମାରୁଥିବା ସତ୍ୟାଗ୍ରହୀମାନଙ୍କୁ ହଇରାଣ ହରକତ ସିନା କରୁଥିଲେ କିନ୍ତୁ ଗିରଫଦାରୀ କରୁ ନ ଥିଲେ । ସତ୍ୟାଗ୍ରହୀମାନଙ୍କ ଲକ୍ଷ୍ୟ ଥିଲା ଗିରଫ ହେବା । କିନ୍ତୁ, କଲେକ୍ଟର କୁଆଡେ କହୁଥିଲେ "Let them burn the Bay of Bengal. I won't arrest them" – ''ସେମାନେ ଚାହିଁଲେ (ଲୁଣ ମାରିବା ପାଇଁ) ବଙ୍ଗୋପସାଗରଟାକୁ ପୋଡ଼ି ଦିଅନ୍ତୁ । ମୁଁ ସେମାନଙ୍କୁ ଗିରଫ କରିବି ନାହିଁ।'' ଏହାଫଳରେ ଗଂଜାମର ସତ୍ୟାଗ୍ରହୀମାନଙ୍କର ଲକ୍ଷ୍ୟ ପୂରଣ ହେଲା ନାହିଁ । ଏଣୁ ଗିରଫ ହେବା ପାଇଁ ହୁମାରେ ଥିବା ଲୁଣ ଗୋଦାମ୍ ଲୁଟି କରିବା ପାଇଁ ନୋଟିସ୍ ବଣ୍ଟାଗଲା । ଏହା ଜାଣି ପୋଲିସ ଫୌଜ ଭରି ହୋଇଗଲେ ଓ ସତ୍ୟାଗ୍ରହୀ ଶିବିରରେ ଥିବା ୨୧ ଜଣ କର୍ମୀଙ୍କୁ ଗିରଫ କରିନେଲେ । ଏବେଳରେ ଗଂଜାମର ବନମାଳୀ ମହାରଣା, ପର୍ଶୁରାମ ମହାନ୍ତି, ଶ୍ରୀହର୍ଷ ମିଶ୍ର, ସହଦେବ ପଟ୍ଟନାୟକ, ପୂର୍ଣ୍ଣ ବେହେରା ଆଦି ଗିରଫ ହୋଇ ଜେଲ ସଜା କାଟିଥିଲେ ଓ ସତ୍ୟାଗ୍ରହୀଙ୍କ ଲକ୍ଷ୍ୟ ହାସଲ ହୋଇଥିଲା । ଏ ବିଷୟରେ ଗଂଜାମ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘ ଦ୍ୱାରା ୧୯୮୫ରେ ପ୍ରକାଶିତ 'ଗଂଜାମ ସ୍ୱାଧୀନତା ସଂଗ୍ରାମୀ ଜୀବନୀ ସ୍ମରଣିକାରେ ସଂକଳୟିତା ମାଗୁଣି ଦାଶଙ୍କ ଭାରତୀୟ କଂଗ୍ରେସ ଆନ୍ଦୋଳନକୁ ଗଂଜାମର ଅବଦାନ' ଅଗ୍ରଲେଖାରେ ମଧ୍ୟ ଅନେକ କଥା ରହିଛି । ଏହି ପୁସ୍ତକର ଶେଷ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି ବଳରାମ ପଣ୍ଡାଙ୍କଦ୍ୱାରା ଗଂଜାମର କେତେଜଣ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ ତଥ୍ୟ ପ୍ରମାଣ ପାଇଛି । ଏହି ସ୍ମରଣିକାରେ ତାଙ୍କ ବିଷୟରେ ଅଧିକା ଆଲୋଚନା ହୋଇପାରି ନାହିଁ । ସେହିଭଳି ୩୨ ଜଣଙ୍କ ସଂଗ୍ରାମୀଙ୍କ ମଧ୍ୟରେ ନବମ ସ୍ଥାନରେ ନାରସୁ ଶତପଥୀଙ୍କ ବିଷୟରେ ନିମ୍ନ ପ୍ରକାରେ ଉଲ୍ଲେଖ ରହିଛି ଯଥା – ''ନାରସୁ ଶତପଥୀ – ଗୋଳନ୍ଥ । ସେ ଛାତ୍ର ଜୀବନରୁ କଂଗ୍ରେସ ଆନ୍ଦୋଳନରେ ଶ୍ରୀ ବିଶ୍ୱନାଥ ଦାସଙ୍କ ସହକର୍ମୀ ଭାବରେ କାର୍ଯ୍ୟ କରି ଜେଲ ବରଣ କରିଥିଲେ, ବର୍ତ୍ତମାନ ସେ ମୃତ ।''

ନାରସୁବାବୁ ଜେଲରୁ ଫେରି ସ୍ୱାଧୀନତା ସଂଗ୍ରାମକୁ ଅଧିକା ବ୍ୟାପକ କରିଥିଲେ ଓ ସ୍ୱାଧୀନତା ପରେ ଦୀର୍ଘ ୧୫ ବର୍ଷ ଧରି ଗୋଳନ୍ତା ପଞ୍ଚାୟତର ସରପଞ୍ଚ ଭାବରେ ପଞ୍ଚାୟତକୁ ରାଜ୍ୟସ୍ତରରେ ପ୍ରତିପାଦିତ କରିଥିଲେ । ଆଖପାଖ ଗାଁରେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର ସାଙ୍ଗକୁ, ଅରଟରେ ସୂତା କାଟିବା, ଖଦୀବସ୍ତ୍ର ବୁଣିବା, ଖଦଡ଼ ପିନ୍ଧିବା, ବିଦେଶୀ ବର୍ଜନ କରିବା, ଅସ୍ପୃଶ୍ୟତା, ନିବାରଣ, ଶିକ୍ଷା ଓ ସମାଜ ସେବାରେ ବ୍ରତୀ ଥିଲେ । ପଂଚମା, କନିସି, ବୟାଳୀ, ମନ୍ଦିରିଡ଼ି ଆଦିରେ ଗାନ୍ଧୀପୂଜା ପ୍ରଚଳନ ଆରମ୍ଭ କରାଇଥିଲେ । ଏସବୁର ମୂକସାକ୍ଷୀ ଭାବରେ ବୟାଳୀ ଗ୍ରାମରେ ନାରସୁବାବୁଙ୍କ ଦ୍ୱାରା ଆନୀତ ସ୍ୱାଧୀନତା ଆନ୍ଦୋଳନର 'ଶୁଭଖୁଣ୍ଟି' ଓ ବରଗଛ ବାଳିହରଚଣ୍ଡୀ ପ୍ରୋଥିତ କରିଥିଲା । ଆଜି ସେହି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରସାରିତ କରୁଥିବା ବରଗଛ 'ଗାନ୍ଧୀ ମହାତ୍ମା – ବରଗଛ' ଭାବରେ ଏହି ଖଣ୍ଡମଣ୍ଡଳରେ ପ୍ରସିଦ୍ଧି ଲାଭ କରିଛି । ଏବେ ଏହା କିମ୍ବଦନ୍ତୀ ହୋଇଛି ସିନା ନାରସୁ ବାବୁଙ୍କ ଦେଶପ୍ରେମ ଏବେବି ଅଂଚଳ ଲୋକଙ୍କୁ ବଶୀଭୂତ କରି ରଖିଛି । ସେହି ମହାପୁରୁଷଙ୍କର ୧୯୮୧ ମସିହା ମେ ମାସ ୧୬ ତାରିଖରେ ମହାପ୍ରୟାଣ ହୋଇଥିଲା । ଏବେ ତାଙ୍କରି ଧର୍ମ ପତ୍ନୀ ସରସ୍ୱତୀ ଦେବୀ, ପୁତ୍ର ପ୍ରପୌତ୍ରମାନେ ଏହି ଗ୍ରାମରେ ବାସ କରିଆସୁଛନ୍ତି । ଲୁଣ୍ଡା ପଞ୍ଚାୟତ ସମିତି କନିସିଠାରେ ନିର୍ମିତ ଶହୀଦ୍ ସ୍ମୃତି ସ୍ତମ୍ଭରେ ନାରସୁ ଶତପଥୀଙ୍କ ଶ୍ରାଦ୍ଧଉତ୍ସବ ପାଳନ କରାଯାଉଛି । ନାରସୁବାବୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧକୁ ଉତ୍ସବ କରି ପାଳନ କରିବାରେ ବେଶି କିଛି ସ୍ୱତନ୍ତ୍ର ନ ଥାଇପାରେ ମାତ୍ର, ନାରସୁ ବାବୁଙ୍କ ଦେଶଭକ୍ତି, ସ୍ୱାଧୀନ ଚିନ୍ତା, ଆଦର୍ଶ ସଂଗ୍ରାମୀ ଜୀବନ ଆଜିର ଯୁବପୀଢ଼ିଙ୍କୁ ଅନୁପ୍ରାଣିତ କରିପାରିଲେ – ତାଙ୍କ ମହାନ ଆତ୍ମା ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

ଅଧ୍ୟକ୍ଷ
ସରକାରୀ ମହାବିଦ୍ୟାଳୟ, ଗଞ୍ଜାମ